## ସଂକ୍ଷେପରେ

### ସାନଭାଇଙ୍କୁ ହତ୍ୟା ଉଦ୍ୟମ କରି ବଡ଼ ଗିରଫ

ବ୍ରହ୍ମପୁର ଅଫିସ,୧୩।୮: ସାନ ଭାଇଙ୍କୁ ହତ୍ୟା ଉଦ୍ୟମ ମାମଲାରେ ବ୍ରହ୍ମପୁର ସଦର ଥାନା ପୋଲିସ ତାଙ୍କ ବଡ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ମସିହାଖାଲି ଗ୍ରାମର ଏମ୍. ବୁଲୁ ପାତ୍ର(୪୨)। ଶନିବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଘଟଣା ବେଳେ ବ୍ୟବହୃତ ଏକ ବ୍ଲେଡ୍ ବୁଲୁଙ୍କଠାରୁ ଜବତ କରାଯାଇଛି। ମସିହାଖାଲି ଗ୍ରାମରେ ରହୁଥିବା ଏମ୍. ବୁଲୁ ପାତ୍ର ଓ ତାଙ୍କ ସାନ ଭାଇ ଏମ୍.ଧୋବା ପାତ୍ରଙ୍କ ମଧ୍ୟରେ କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି କଳହ ଲାଗି ରହିଥିଲା। ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ଝଗଡା ହେଉଥିଲା। ଗତ ୧୧ ତାରିଖ ରାତିରେ ଏମ୍. ଧୋବା ପାତ୍ର ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ବୁଲୁ ସେଠାରେ ପହଞ୍ଚିଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ବୁଲୁ ତାଙ୍କ ସାନ ଭାଇ ଧୋବାଙ୍କ ବେକରେ ଏକ ବ୍ଲେଡ୍ ଲଗାଇ ଦେଇଥିଲେ। ଫଳରେ ଧୋବା ଗୁରୁତର ହୋଇଥିଲେ। ତାଙ୍କୁ ଏମ୍କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ତାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ।

### ପାତ୍ରପୁରକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ପାଇଁ ସ୍ମାରକପତ୍ର

ପାତ୍ରପୁର,୧୩।୮(ଡି.ଏନ.ଏ)-ଗଞ୍ଜାମ ଜିଲା ପାତ୍ରପୁରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ନିମନ୍ତେ ସ୍ଥାନୀୟ ଗ୍ରାମବାସୀ ଗ୍ରାମ୍ୟ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପାତ୍ରପୁରରେ ୧୫ ହଜାର ଲୋକ ବସବାସ କରୁଥିବା ବେଳେ ୩ ବ୍ୟାଙ୍କ, ବ୍ଲକ, ତହସିଲ, ବିଇଓ କାର୍ଯ୍ୟାଳୟ, ୨ ଉଚ୍ଚ ବିଦ୍ୟାଳୟ, ୮ ପ୍ରାଥମିକ ବିଦ୍ୟାଳୟ, ଅନେକ ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ପାତ୍ରପୁର ଉପରେ ଆଖପାଖ ଅଞ୍ଚଳର ଜନସାଧାରଣ ବଜାର ସଉଦା ପାଇଁ ନିର୍ଭର କରିଥାନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ପାତ୍ରପୁର ଗ୍ରାମର ବିକାଶ ହେବ ବୋଲି ଉଲ୍ଲେଖ କରିଛନ୍ତି।

### କଂଗ୍ରେସର ସ୍ୱାଧୀନତା ଗୌରବ ଶୋଭାଯାତ୍ରା

ଜି.ଉଦୟଗିରି,୧୩।୮(ଡି.ଏନ.ଏ.): ଜି.ଉଦୟଗିରି କଂଗ୍ରେସ ତରଫରୁ ଶନିବାର ବଳିଦାନର ୭୫ ବର୍ଷରେ ଗୌରବ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ତଥା କାଉନସିଲ ଯାକେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଅନାମ ନାୟକ, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ବ୍ଲକ ସଭାପତି ସଦାନନ୍ଦ ନାୟକ, ନଗର ସଭାପତି ଗଗନ ପ୍ରଧାନ, ବରିଷ୍ଠ କର୍ମୀ ସୂର୍ଯ୍ୟକାନ୍ତ ପ୍ରଧାନ, ହୀରେନ ନାୟକ, ରୂପେଶ ନାୟକ, ଦିବାକର ନାୟକ, ଧନୁଞ୍ଜୟ ନାୟକ, ଆମସ ନାୟକଙ୍କ ସହିତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

ଚିକିଟି,୧୩।୮(ଡି.ଏନ.ଏ.)-ଗଞ୍ଜାମ ଜିଲା ଚିକିଟି ଏନ୍ଏସିର କାରବାଲୁଆରେ ଚାଲିଥିବା ଏକ ଜୁଆ ଅଡ୍ଡାରେ ଶନିବାର କେ.ନୂଆଗାଁ ପୋଲିସ ଚଢ଼ାଉ କରି ୩୭ ୪୪୦ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଦୁଇ ମହିଳା ସମେତ ୭ଜଣଙ୍କୁ ଗିରଫ କରିଛି।

# ନିର୍ବାଚିତ ହୋଇଛନ୍ତି କଂଗ୍ରେସରୁ ୮ ବିଧାୟକ

ବ୍ରହ୍ମପୁର ଅଫିସ,୧୩।୮

- ଡୁରା ପରେ ହୋଇଛି ଗୋପାଳପୁର ନିର୍ବାଚନ ମଣ୍ଡଳୀ
- ୧୯୬୧ରୁ ୨୦୧୯ ମଧ୍ୟରେ ହୋଇଛି ୧୪ ନିର୍ବାଚନ
- ବିଜେଡିରୁ ୪, ଜନତା ଦଳରୁ ୨ ଜିତିଛନ୍ତି

ଗଞ୍ଜାମ ଜିଲା ଗୋପାଳପୁର ସହରାଞ୍ଚଳ ଓ ରଙ୍ଗେଇଲୁଣ୍ଡା ବ୍ଲକକୁ ନେଇ ଗଠନ ହୋଇଥିଲା ଡୁରା ବିଧାନସଭା ନିର୍ବାଚନମଣ୍ଡଳୀ। ୧୯୬୧ରେ ଏହାର ପ୍ରଥମ ନିର୍ବାଚନ ହୋଇଥିଲା। ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାରୁ ବ୍ରହ୍ମପୁରବାସୀ ପି.ଭେଙ୍କଟ ଜଗନ୍ନାଥ ରାଓ କଂଗ୍ରେସରୁ ବିଧାୟକ ନିର୍ବାଚିତ ହୋଇଥିଲେ। ସେ ବିଜୁ ପଟ୍ଟନାୟକଙ୍କ ପ୍ରଥମ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ପଦ ପାଇ ସ୍ୱାସ୍ଥ୍ୟ ବିଭାଗ ସମ୍ଭାଳି ଥିଲେ। ସେହି ସମୟରେ ବ୍ରହ୍ମପୁରରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଲାଗି ପଦକ୍ଷେପ ନିଆଯାଇଥିଲା ଏବଂ ନୂଆ ବିଲ୍ଡିଂ ପାଇଁ କମଲ୍ଲୀ ନିକଟରେ ସ୍ଥାନ ଚିହ୍ନଟ ହୋଇଥିଲା। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନାମରେ ମେଡିକାଲର ନାମକରଣ (ଏମ୍କେସିଜି) କରିଥିଲେ ବିଜୁବାବୁ।

ଡୁରା ନିର୍ବାଚନମଣ୍ଡଳୀ ପୂର୍ବରୁ ହୋଇଥିବା ୧୯୫୧-୫୨ ଓ ୫୭ ନିର୍ବାଚନ ବେଳେ ଗୋପାଳପୁର ଏନ୍ଏସି ଓ ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳ ଅନ୍ୟ ବିଧାନସଭା କ୍ଷେତ୍ରରେ ବାଣ୍ଟି ହୋଇ ରହିଥିଲା। ୧୯୬୧ ପରବର୍ତ୍ତୀ ହୋଇଥିବା ଏହି କ୍ଷେତ୍ରରୁ ୬୭ ନିର୍ବାଚନରେ କଂଗ୍ରେସରୁ ମୋହନ ନାୟକ ଜିତିଥିଲେ। ୧୯୭୧ ନିର୍ବାଚନରେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ପୁନର୍ବାର ନିର୍ବାଚିତ ହୋଇଥିଲେ। ୭୪ ନିର୍ବାଚନ ବେଳେ ଡୁରା ବଦଳରେ ଗୋପାଳପୁର ବିଧାନସଭା କ୍ଷେତ୍ର ହୋଇଥିଲା। ପୁଣି ମୋହନ ନାୟକ କଂଗ୍ରେସରୁ ନିର୍ବାଚିତ ହୋଇ ତତ୍କାଳୀନ ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀ ପରିଷଦରେ ସ୍ଥାନ ପାଇ ରାଷ୍ଟ୍ର ପାହ୍ୟା ପାଇଥିଲେ। ସେ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ହୋଇଥିଲେ।

୧୯୬୭ ରୁ ୨୦୦୪ ନିର୍ବାଚନ ପର୍ଯ୍ୟନ୍ତ ପୂର୍ବ ଡୁରା ଓ ବର୍ତ୍ତମାନର ଗୋପାଳପୁର ଆସନ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ଥିଲା। ୭୪ ପରବର୍ତ୍ତୀ ୭୭, ୮୦ ଓ ୮୫ ନିର୍ବାଚନରେ କଂଗ୍ରେସରୁ ଘନଶ୍ୟାମ ବେହେରା ଲଗାତର ୩ ଥର ନିର୍ବାଚିତ ହୋଇ ହ୍ୟାଟ୍ରିକ କରିଥିଲେ। ୯୦ ଓ ୯୫ ନିର୍ବାଚନରେ ଜନତା ଦଳରୁ ଏବଂ ୨୦୦୦ ନିର୍ବାଚନରେ ବିଜେଡି ବିଧାୟକ ହୋଇଥିଲେ ରାମଚନ୍ଦ୍ର ସେଠୀ। ସେ ମଧ୍ୟ ହ୍ୟାଟ୍ରିକ କରିଥିଲେ। ୨୦୦୪ ନିର୍ବାଚନରେ କଂଗ୍ରେସରୁ ବିଧାୟକ ହୋଇଥିଲେ ଡା. ତ୍ରିନାଥ ବେହେରା।

ତଥ୍ୟାନୁସାରେ ୬୧ ରୁ ୨୦୦୪ ପର୍ଯ୍ୟନ୍ତ ହୋଇଥିବା ୧୧ ବିଧାନସଭା ନିର୍ବାଚନରୁ କଂଗ୍ରେସରୁ ୮ ଏବଂ ଜନତା ଦଳ ଓ ବିଜେଡିରୁ ୩ ଜଣ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ୨୦୦୯ ନିର୍ବାଚନ ବେଳେ ଗୋପାଳପୁର ଆସନ ସାଧାରଣ ବର୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ ହେଲା। ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟାରେ ରଙ୍ଗେଇଲୁଣ୍ଡା ବ୍ଲକ, କୁକୁଡ଼ାଖଣ୍ଡି ବ୍ଲକର ୫ ପଞ୍ଚାୟତ ଓ ବ୍ରହ୍ମପୁର ମହାନଗରର ପ୍ରଥମେ ୫ ଓ ବର୍ତ୍ତମାନର ୬ ୱାର୍ଡକୁ ନେଇ ଗୋପାଳପୁର ନିର୍ବାଚନମଣ୍ଡଳୀ ଗଠନ ହୋଇଛି।

ଗୋପାଳପୁର ଆସନ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହେବାରୁ ୨୦୦୯ରୁ ୧୯ ମଧ୍ୟରେ ହୋଇଥିବା ୩ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଲଗାତର ଜିତି ହ୍ୟାଟ୍ରିକ କରିଛନ୍ତି। ଘଟଣାଚକ୍ରରେ ସେ ୨୦୨୦ ଡିସେମ୍ବରରୁ ଦଳରୁ ବହିଷ୍କୃତ ହୋଇଛନ୍ତି।

# ୧୦.୩୨ କୋଟିର କ୍ଷତିପୂରଣ ନିର୍ଦ୍ଦେଶ


ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାର କରାଯାଉଛି।

ବ୍ରହ୍ମପୁର ଅଫିସ,୧୩।୮

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟ ଆଇନସେବା ପ୍ରାଧିକରଣ ସଂଯୋଜନାରେ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଜିଲା ଅଦାଲତଗୁଡ଼ିକରେ ଚଳିତ ବର୍ଷର ତୃତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୨ ମୋଟରଯାନ ଦୁର୍ଘଟଣା ମାମଲାର ବିଚାର କରାଯାଇ ବୀମା କମ୍ପାନୀଗୁଡିକୁ ୭ କୋଟି ୧୧ ଲକ୍ଷ ୪ ହଜାର ୨୦୦ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ଦୌରା ଜଜ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆଇନସେବା ପ୍ରାଧିକରଣ ସଚିବ କୈଳାସ ସାହୁଙ୍କ ପରିଚାଳନାରେ ୪ଟି ବେଞ୍ଚ ବସିଥିଲା। ପ୍ରତ୍ୟେକ ବେଞ୍ଚରେ ବିଚାର ବିଭାଗୀୟ ଅଧିକାରୀ ଓ ୨ ଜଣ ସଭ୍ୟ ଥିଲେ। ପରିବାର ଅଦାଲତରେ ୬୮ ମାମଲାର ଶୁଣାଣି କରାଯାଇଥିବା ବେଳେ ସେମାନଙ୍କର ବୈବାହିକ କଳହର ଅନ୍ତଃ ଘଟାଇବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ୧୮ଟି ଚେକ୍ ବାଉନ୍ସ ମାମଲାର ବିଚାର କରାଯାଇ ୬୭ ଲକ୍ଷ ୩୦ ହଜାର ୧୭୯ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଥିଲା। ସେହିପରି ୫୭୦୫ ଫୌଜଦାରୀ ମକଦ୍ଦମା ସମାଧାନ କରାଯାଇଥିଲା। ମୋଟ ୧୮୧୦୯ଟି ବିଭିନ୍ନ ମାମଲାର ଆଶୁ ସମାଧାନ ହୋଇ ୧୦ କୋଟି ୩୨ ଲକ୍ଷ ୧୪ ହଜାର ୩୭୬ ଟଙ୍କା ପ୍ରଦାନ କରିବା ପାଇଁ ଆଦେଶ ଦିଆଯାଇଛି। ଏଥିରେ ଦ୍ୱିତୀୟ ଏମ୍ଏସିଟି ଜଜ୍ ରାମ ଶଙ୍କର ହୋତା, ପ୍ରଥମ ଅତିରିକ୍ତ ଜିଲା ଜଜ୍ ସଂଘମିତ୍ରା ଶର୍ମା, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ଇନ୍ଦୁ ଶର୍ମା ମୋଟର ଦୁର୍ଘଟଣାଜନିତ ମକଦ୍ଦମାର ସମାଧାନରେ ଅଂଶଗ୍ରହଣ କରିଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଶାନ୍ତ କୁମାର ମିଶ୍ରଙ୍କ ଉପସ୍ଥିତିରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜିଲା କୋର୍ଟ ସମେତ ଅନ୍ୟାନ୍ୟ କୋର୍ଟ ପରିସରରେ ମଧ୍ୟ ଏହି ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା।

# ହର୍ ଘର୍ ତ୍ରିରଙ୍ଗା ନେଇ ପଥପ୍ରାନ୍ତ ଶୋଭାଯାତ୍ରା



କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଅତିଥି, ନାଭାଲ ଅଧିକାରୀ ଓ ଏନ୍ସିସି କ୍ୟାଡେଟ।

ବ୍ରହ୍ମପୁର ଅଫିସ,୧୩।୮

ଓଡ଼ିଶା-୧ ନାଭାଲ ୟୁନିଟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍ସିସି) ପକ୍ଷରୁ ଶନିବାର ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଏନ୍ସିସି ପକ୍ଷରୁ ସହରରେ ପଥପ୍ରାନ୍ତ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି, ଆସୋସିଏଟ୍ ଏନ୍ସିସି ଅଫିସର (ଏଏନ୍ଓ) ଓ ଏନ୍ସିସି ଜୁନିୟର ଓ ସିନିୟର କ୍ୟାଡେଟଙ୍କୁ ଜାତୀୟ ପତାକା ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରା ଗାନ୍ଧୀନଗରଠାରୁ ବାହାରି ପୁରୁଣା ବସ୍ଷ୍ଟାଣ୍ଡ, ସିଟି ହସ୍ପିଟାଲ, ଷ୍ଟେଟ ବ୍ୟାଙ୍କ ଛକ, ଉତ୍କଳ ଆଶ୍ରମ ରୋଡ, ସୁବାରାଓ ଛକ, ସେଣ୍ଟ କନ୍ଭେଣ୍ଟ ସ୍କୁଲ ଛକ ଦେଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏନ୍ସିସି କମାଣ୍ଡିଂ ଅଧିକାରୀ କମାଣ୍ଡର କିଶୋର ଚନ୍ଦ୍ର ରାଉତ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଏଏନ୍ଓ ସବ୍ଲ୍ୟୁଟନାଣ୍ଟ ସତ୍ୟ ନାରାୟଣ କୁଣ୍ଡୁ, କୁଇନ ମିଶନ ଉଚ୍ଚ ବିଦ୍ୟାଳୟ ଏଏନଓ ମୁଖ୍ୟ ପ୍ରତ୍ୟୁଷ କୁମାର ଦାଶ, ଏସ୍ଏମ୍ଆଇ ଅମିୟ କୁମାର ଜେନା ଓ ନାଭାଲ ୟୁନିଟ ଏନ୍ସିସି

## ମଦ ଜବତ, ୩ ଗିରଫ

ପାରଳାଖେମୁଣ୍ଡି,୧୩।୮(ଡି.ଏନ୍.ଏ.)

ଗଜପତି ଜିଲା ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଦର ଅବକାରୀ ଥାନା ପକ୍ଷରୁ ଗାରବନ୍ଧ ଥାନା ଅଞ୍ଚଳରେ ଚଢାଉ କରାଯାଇଛି। ଏଥିରେ ଭ୍ରାମ୍ୟମାଣ ଅବକାରୀ ୟୁନିଟ ଓ ସଦର ଅବକାରୀ ଥାନା ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଗାରବନ୍ଧ ଅଞ୍ଚଳରେ ଅବକାରୀ ବିଭାଗ ଦ୍ୱାରା ପାଟ୍ରୋଲିଂ କରୁଥିବା ସମୟରେ ମୋଟ ୬୦ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରାଯାଇ ଥିବାବେଳେ ୪୮୬୦ଲିଟର ମହୁଲ ପୋଚ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ପୃଥକ ଚଢାଉରେ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୩।୮

ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ସାନକୋଦଣ୍ଡା ଗ୍ରାମର ମରାଠୀ ସ୍ୱାଇଁ (୩୨)। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ଶନିବାର ସକାଳେ ମରାଠୀ ସ୍ୱାଇଁ ବାଇକ୍(ନଂ. ଓଆର ୦୭ ଏକ୍ସ ୫୧୮୫)ରେ ବ୍ରହ୍ମପୁର ଆସୁଥିଲେ। ରତ୍ନପୁର ଛକରେ ସେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଲୁହା ପୋଲରେ ପିଟି ହୋଇଯାଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି ଏମ୍କେସିଜି ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିବା ପୋଲିସ କହିଛି।

# ଦିନକ ପରେ ମଣ୍ଡଳ କାରାଗାରରୁ ମୁକୁଳିବେ ୬ କଏଦୀ

ବ୍ରହ୍ମପୁର ଅଫିସ,୧୩।୮

ରାଜ୍ୟ ଆଇନ ବିଭାଗ ଚିଠି ନମ୍ବର ୮୯୫୧ କ୍ରମେ ବ୍ରହ୍ମପୁର ମଣ୍ଡଳକାରାଗାରରେ ସଜା କାଟୁଥିବା ୬ କଏଦୀଙ୍କୁ ଦିନକ ପରେ ଜେଲରୁ ଛଡ଼ାଯିବ। କେନ୍ଦ୍ର ଗୃହ ବିଭାଗ ପକ୍ଷରୁ 'ଆଜାଦୀ କା ଅମୃତ ମହୋତ୍ସବ' ଅବସରରେ ରାଜ୍ୟର ବିଭିନ୍ନ ଜେଲରେ ସଜା କାଟୁଥିବା କଏଦୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଛାଡ଼ିବା ପାଇଁ ନିଷ୍ପତ୍ତି ହୋଇଥିଲା। ଯେଉଁ କଏଦୀମାନେ ଜେଲର ସମସ୍ତ ନିୟମ ପାଳନ କରିଛନ୍ତି, ସେମାନଙ୍କ ଆଚାର ବ୍ୟବହାରରେ ପରିବର୍ତ୍ତନ ଆସିଛି ଓ ଦୀର୍ଘଦିନ ଧରି ସଜା କାଟୁଛନ୍ତି, ସେମାନଙ୍କୁ ଜେଲ୍ କର୍ତ୍ତୃପକ୍ଷ ଚିହ୍ନଟ କରି ତାଙ୍କର ନାମ ଜେଲ୍ ଡିଜିଙ୍କ ନିକଟକୁ ପଠାଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ କମିଟି ଏହାକୁ ବିଚାର କରି ରାଜ୍ୟର ବିଭିନ୍ନ ଜେଲରେ ଥିବା ୧୯ କଏଦୀଙ୍କୁ ଅଗଷ୍ଟ ୧୫ ରେ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ତନ୍ମଧ୍ୟରୁ ମଣ୍ଡଳକାରାଗାରରେ ଥିବା ୬ କଏଦୀଙ୍କୁ ଛଡ଼ାଯିବ ବୋଲି ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# କୁଇନ ମିଶନ ହାଇସ୍କୁଲ ପରିଦର୍ଶନ କଲେ ଆଦର୍ଶ ବିଦ୍ୟାଳୟ ଉପଦେଷ୍ଟା

ବ୍ରହ୍ମପୁର ଅଫିସ,୧୩।୮

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଉପଦେଷ୍ଟା ଉପେନ୍ଦ୍ର କୁମାର ତ୍ରିପାଠୀ ଶନିବାର ବ୍ରହ୍ମପୁର କୁଇନ୍ ମିଶନ ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ତ୍ରିପାଠୀଙ୍କ ସହ ପିଡ଼ି ଡ଼ିଆରଡ଼ିଏ ଭି.କିର୍ତ୍ତିୱାସନ, ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି ଓ ବିଏମ୍ସି ଏନ୍ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ ଉପସ୍ଥିତ ଥିଲେ। ତ୍ରିପାଠୀ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପରେ ଲାଇବ୍ରେରୀ, ଖେଳପଡ଼ିଆ ଓ କ୍ୟାମ୍ପସ ପରିସର ବୁଲି ଦେଖିଥିଲେ। ମେ'ରେ ବିଦ୍ୟାଳୟ ଖେଳପଡ଼ିଆରେ ତିଆରି ହୋଇଥିବା ସିନ୍ଥେଟିକ ବାସ୍କେଟବଲ କୋର୍ଟଟି ନିମ୍ନମାନର କାମ ହୋଇଥିବାରୁ ବର୍ତ୍ତମାନ ଏହା ନଷ୍ଟ ହେବାକୁ ବସିଲାଣି। ସେହିପରି ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ କ୍ରୀଡ଼ା ଶିକ୍ଷକ ନ ଥିବା ଏବଂ ପାନୀୟ ଜଳାଭାବ ଲାଗି ରହିଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କ ସହ କଥାବାର୍ତ୍ତା ବେଳେ ନୂତନ ସିନ୍ଥେଟିକ କୋର୍ଟ ନିର୍ମାଣ, ବିଦ୍ୟାଳୟ ପଛ ଗେଟ ଖୋଲିବା ନିମନ୍ତେ ଏନ୍ଫୋର୍ସମେଣ୍ଟ ଅଧିକାରୀଙ୍କୁ କହିଥିଲେ। ପାନୀୟ ଜଳାଭାବ ସମସ୍ୟା ଦୂର, କ୍ରୀଡ଼ା ଶିକ୍ଷକ ନିଯୁକ୍ତ ନିମନ୍ତେ ଡ଼ିଇଓ ସେନାପତିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରଧାନ ଶିକ୍ଷକ ହରେକୃଷ୍ଣ ପଣ୍ଡା କହିଛନ୍ତି।


କୁଇନ ମିଶନ ହାଇସ୍କୁଲରେ ଆଦର୍ଶ ବିଦ୍ୟାଳୟ ସଂଗଠନ ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ଓ ଅନ୍ୟମାନେ।

# ଦେବରାଜ ତ୍ରିପାଠୀ ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର

ବ୍ରହ୍ମପୁର ଅଫିସ,୧୩।୮

ଦେବରାଜ ତ୍ରିପାଠୀ ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର ଶନିବାର ଗଞ୍ଜାମ କଳା ପରିଷଦ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ନିରଞ୍ଜନ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ସନ୍ତୋଷ କୁମାର ଦାଶ, ସମ୍ମାନିତ ଅତିଥି କବି ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ମୁଖ୍ୟ ବକ୍ତା ଶିକ୍ଷାବିତ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବର୍ଷା କବିତା ଆସରରେ କବୟିତ୍ରୀ ବନ୍ଦନା ମହାପାତ୍ର, ପଦ୍ମିନୀ ମିଶ୍ର, ଅମିତା ମିଶ୍ର, ସଞ୍ଜୁକ୍ତା ଶତପଥୀ, ମଧୁମିତା ସାହୁ, କବି ବି.ସତ୍ୟମ୍ ଆଚାରୀ, ଲିଙ୍ଗରାଜ ଜେନା, ଅରୁଣ ମୋହନ ପାତ୍ର ଓ ଦୀନବନ୍ଧୁ ଶ୍ରୀପଲବ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।


ଆସରରେ ଉପସ୍ଥିତ ସଂସଦର ସଦସ୍ୟ ବୃନ୍ଦ।

# ଏନ୍ଏସ୍ଏସ୍ ପକ୍ଷରୁ ମେଗା ହର୍ ଘର୍ ତ୍ରିରଙ୍ଗା ରାଲି


ମାନବ ଶୃଙ୍ଖଳ ।

ବ୍ରହ୍ମପୁର ଅଫିସ,୧୩।୮

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
- ମାନବ ଶୃଙ୍ଖଳରେ ଏକତାର ବାର୍ତ୍ତା

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ପକ୍ଷରୁ ଚାଲିଥିବା ୭ ଦିନିଆ ଆଜାଦୀ କା ଅମୃତ ମହୋତ୍ସବ ସପ୍ତାହରେ ୫ ଦିନ ଶନିବାର ବିଶ୍ୱବିଦ୍ୟାଳୟରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ମିଳିତ ଭାବେ ଏକ ତ୍ରିରଙ୍ଗା ରାଲି ଓ ମାନବ ଶୃଙ୍ଖଳ ପ୍ରସ୍ତୁତ କରିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଗୋଳାବନ୍ଧ ଆର୍ମି ଏଡି କଲେଜ ପକ୍ଷରୁ ଲ୍ୟୁଟନାଣ୍ଟ ଜେନେରାଲ ୟୁ.ଭି.ତଲୁର ଯୋଗ ଦେଇଥିଲେ। ପିଜି କାଉନସିଲ କୋଠା ସମ୍ମୁଖରୁ ଏକ ତ୍ରିରଙ୍ଗା ରାଲି ବାହାରିଥିଲା। ଏହାକୁ କୁଳପତି ପ୍ରଫେସର ଦାଶ ଉଦ୍ଘାଟନ କରିଥିଲେ। ଗୋଳାବନ୍ଧ ଆର୍ମି ଏଡି କଲେଜ ପକ୍ଷରୁ ଆସିଥିବା ଆର୍ମି ବ୍ୟାଣ୍ଡର ତାଳେ ତାଳେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ୧୦୦ରୁ ଉର୍ଦ୍ଧ୍ୱ ଅଧ୍ୟାପିକା ଅଧ୍ୟାପକ ତ୍ରିରଙ୍ଗା ଧରି କ୍ୟାମ୍ପସ ପରିସର ଭ୍ରମଣ କରିବା ସହ ଏକତାର ପ୍ରତୀକ ସ୍ୱରୂପ ଛାତ୍ରୀଛାତ୍ରମାନେ ଏକ ମାନବ ଶୃଙ୍ଖଳ ପ୍ରସ୍ତୁତ କରିଥିଲେ। ଏହା ମାଧ୍ୟମରେ ଛାତ୍ରୀଛାତ୍ରମାନେ ଏକତା, ଶାନ୍ତି, ମୈତ୍ରୀ ଓ ସଦ୍ଭାବନା ବାର୍ତ୍ତା ଦେଇଥିଲେ। ଶେଷରେ ଅଡିଟୋରିୟମ ହଲ୍ଠାରେ ଏକ ବୈଠକ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଲ୍ୟୁଟନାଣ୍ଟ ଜେନେରାଲ ତଲୁର ଦେଶ ଗଠନରେ ଛାତ୍ରୀଛାତ୍ର ଓ ଯୁବ ସମାଜର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଭାରତୀୟ ସୈନ୍ୟ ବାହିନୀରେ ଯୋଗଦେବା ନିମନ୍ତେ ଆହ୍ୱାନ ଦେଇଥିଲେ। କୁଳପତି ଓ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ମହାନ୍ତି ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ରଣଜିତ୍, ଏନ୍ଏସ୍ଏସ୍ ସଂଯୋଜକ ପ୍ରଫେସର ଡ.ଜୟନ୍ତ କୁମାର ପଣ୍ଡା, ଏନ୍ଏସ୍ଏସ୍ ୟୁନିଟ ୧,୨ ଓ ୩ର କାର୍ଯ୍ୟକ୍ରମ ଅଧିକାରୀ ଶକ୍ତି ରଞ୍ଜନ ଦାସ, ପ୍ରଫେସର ଡ.ଅଲିତା ମିଞ୍ଜ, ପ୍ରଫେସର ଡ.ଇକ୍ବାଲ ଅହମ୍ମଦ ଭଟ୍ଟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

